# ମୋ ସ୍ମୃତିରେ ଜାତୀୟକବି ବାଞ୍ଛାନିଧି

**ଅଧକ୍ଷ ଶତୃଘ୍ନ ନାଥ**

ସଂପୂର୍ଣ୍ଣ ଅସ୍ତ୍ରଶସ୍ତ୍ର ବିହୀନ । ସତ୍ୟ ଓ ଅହିଂସା ଏହାର ଆଧାର । ସତ୍ୟାଗ୍ରହ ଓ ଅସହଯୋଗ ଏହାର ଆୟୁଧ । ପ୍ରବଳ ପରାକ୍ରମୀ ସାମ୍ରାଜ୍ୟବାଦ ବିରୁଦ୍ଧରେ ନୈତିକ ସାହସ ଓ ମାନବ ଅଧିକାର ଦଣ୍ଡାୟମାନ । ତେଣୁ ଏହା ଏକ ରାଷ୍ଟ୍ରକାମୀ ସମୂହ ଜନ ଆନ୍ଦୋଳନ । ସହର ଓ ବସ୍ତିଠାରୁ ଗାଁ ଗଣ୍ଡା, ଜନପଦ ଠାରୁ ବନପ୍ରାନ୍ତର ସବୁଠି ଏହି ଆନ୍ଦୋଳନର ପ୍ରତିଧ୍ୱନି । ଚାଷୀ ମୂଲିଆ, ଖଟିଖିଆ ଗରିବ, ଅଛୁଆଁ , ଅସବର୍ଣ୍ଣ, ପଛୁଆ, ଆଗୁଆ ସମସ୍ତେ ସୈନିକ । ଭାରତର ଅନୁକୋଣର ଶିରା ପ୍ରଶିରାରେ ଉଛୁଳି ପଡ଼େ ଜାତୀୟତାର ସ୍ରୋତ । ଆମେ ଦେଶଛଡ଼ା ଆଉ କିଛି ଭାବୁ ନଥିଲୁ । ଏ ଦେଶକୁ ସ୍ୱାଧୀନ କରିବା ପାଇଁ କେତେ ଲୋକ ନିଜର ଜୀବନ, ପରିବାର, ସୁଖ ଓ ଆନନ୍ଦ ବଳିଦାନ ଦେଇଛନ୍ତି । କେତେକଙ୍କୁ ଲୋକେ ଜାଣିଛନ୍ତି କେତେକ ଅଜଣା ହୋଇ ରହିଯାଇଛନ୍ତି ।

ବିପ୍ଳବୀ ଜାତୀୟ କବି ବାଞ୍ଛାନିଧି ମହାନ୍ତିଙ୍କ ଚରମ ତ୍ୟାଗ, ଅସୀମ ଧୈର୍ଯ୍ୟ, ଦେଶ ପ୍ରାଣତା ଯୋଗୁଁ ଦେଶ ମୁକ୍ତି ପାଇଁ ଯେଉଁ ସଂଗ୍ରାମ ତାହା ଏକ ଗଣ ଆନ୍ଦୋଳନରେ ପରିଣତ ହୋଇଥିଲା । ପରବର୍ତ୍ତୀ କାଳରେ ଇରମ ଯେ ଦ୍ୱିତୀୟ ଜାଲିଓ୍ୱାନାଓ୍ୱାଲାବାଗରେ ପରିଣତ ହେଲା, ଏହା ତାହାକୁ ପ୍ରମାଣିତ କରେ ।

ମୋର ମନେ ଅଛି, ସେଦିନ ଦଶହରା । ରାତି ଆଠଟା କି ନଅଟା ହେବ । କାଶତଣ୍ଡୀ ଫୁଲମାନେ ନଇଁ ଆସୁଥାନ୍ତି ସାଳନ୍ଦୀର ସ୍ୱଚ୍ଛ ଜଳରେ ପ୍ରତିବିମ୍ବିତ ଜ୍ୟୋତ୍ସ୍ନାର ଶୁଭ୍ରତାକୁ ସ୍ପର୍ଶ କରିବା ପାଇଁ । ଉତ୍ସବ ମୁଖର ଭଦ୍ରକ ବାଉଦପୁର । ଜନଗହଳି ଲମ୍ବିଆସିଥାଏ ବାଲୁକାର ଆସ୍ତରଣ ଉପରକୁ । ମୋହନ ଗୋସ୍ୱାମୀଙ୍କ ଅପେରା ଉପଭୋଗ କରିବା ପାଇଁ ଲୋକ ଭିଡ଼ା ଭିଡ଼ି ହୋଇଥାନ୍ତି । ନିଜେ ମୋହନ ଗୋସ୍ୱାମୀ ସଂଗୀତ ପରିବେଷଣ କରୁଛନ୍ତି । ଭିଡ଼ କିନ୍ତୁ ଅମାନିଆ । ଆଉ ଜଣେ ପ୍ରବୀଣ ଓ ପୁରୁଖା ଗାୟକ ଠିଆହେଲେ । ଦୃଢ କଣ୍ଠରେ ସୁଲଳିତ ସ୍ୱରରେ ଧ୍ୱନିତ ହେଲା-

ଗାଅ ସ୍ୱାଧୀନ ଭାରତ, ସ୍ୱାଧୀନ ଭାରତ<br>
ସ୍ୱାଧୀନ ସ୍ୱାଧୀନ ସ୍ୱାଧୀନରେ ।

କରତାଳି ପରେ କରତାଳି । ପୁନଃ ପୁନଃ ସେଇଗୀତ । ସ୍ୱାଧୀନ ସ୍ୱାଧୀନ ସ୍ୱାଧୀନରେ ଲୋକଙ୍କ କଣ୍ଠରେ ପ୍ରତିଧ୍ୱନୀତ ହେଲା । ମୋ କରତାଳି ସେଇ ତାଳରେ ଓ କଣ୍ଠରେ ମୋର ସେଇ ଲହର । ଆବାଳ ବୃଦ୍ଧ ବନିତା, ସ୍ୱାକ୍ଷର ନିରକ୍ଷର, ମଳିମୁଣ୍ଡିଆ ଧୋବଫରଫର ବାବୁମାନେ ସମସ୍ତେ ଏହା ଦୋହରାଉଥାନ୍ତି । ମୋତେ ଏପରି ଛୁଇଁଥାଏ ଯେ ମନେ ମନେ ଗାଇ ପକାଏ ସେ ଦିନରୁ ଏଯାଏ- ସ୍ୱାଧୀନ ସ୍ୱାଧୀନ ସ୍ୱାଧୀନରେ ।

ଆମେ ସ୍ୱାଧୀନ । ସ୍ୱାଧୀନତାର ସୁବର୍ଣ୍ଣ ଜୟନ୍ତୀରେ ଆମେ ସମସ୍ତେ ସାମିଲ ହୋଇଛୁଁ । ଗାଇଛୁ ଜାତୀୟ ସଂଗୀତ, ଉଡାଇଛୁ ଜାତୀୟ ପତାକା । କିନ୍ତୁ ଆମ ଶିରା ପ୍ରଶିରାରେ ଜାତୀୟତାର ପ୍ରଖର ସ୍ରୋତ କାହିଁ ? ଏହାର ଉଦାହରଣ ଥିଲେ ବାଞ୍ଛାନିଧି ମହାନ୍ତି । ତାଙ୍କ ଶରୀର ମୋର ବିସ୍ମୃତି ଗର୍ଭରେ ଲୀନ ହୋଇଯାଇଛି କିନ୍ତୁ କଣ୍ଠର ସ୍ୱରରେ ଝଂକୃତ ସ୍ୱାଧୀନ ସ୍ୱାଧୀନ ସ୍ୱାଧୀନରେ ଓ ସେହି ପରିବେଶ ଏ ଯାବତ୍ ପଲ୍ଲବିତ ହୋଇ ରହଛି । ଏହା ସାଳନ୍ଦୀର ବନ୍ୟା ପାଣି ପରି ଗୋଳିଆ ହେଇ ଥିବାରୁ ମନରେ ଭୟଙ୍କର କ୍ଷୋଭ ଆସୁଛି । କି ଥିଲା ଏ ଦେଶ, କି ହୋଇଛି ଆଜ ।

ପଲ୍ଲୀ ଜୀବନର ନିଖୁଣ ଚିତ୍ର । ବ୍ୟଥାରେ ଜର୍ଜରିତ ବ୍ୟଥିତ ପ୍ରାଣ ପରିସ୍ଫୁଟ ହୁଏ ତାଙ୍କ ଅନେକ ପଦରେ । ବାଞ୍ଛାନିଧି ସାର୍ଥକ କବି, ବିରଳ ତାଙ୍କ ବ୍ୟକ୍ତିତ୍ୱ । ଭାଷା ଚିତ୍ରିତ କରେ ପଲ୍ଲୀବାସୀଙ୍କ ଦୁଃଖ, ଦୁର୍ଦ୍ଦଶା, ଗାଁ ହାଟ । ଲୋକ ଗହଳିରେ ହାରମୋନିୟମ ବଜାଇ ମର୍ମସ୍ପର୍ଶୀ ରାଗ ରାଗିଣୀ ସହ ଜନମାନସରେ ସେ ଆକର୍ଷଣର କେନ୍ଦ୍ର ବିନ୍ଦୁ ହୁଅନ୍ତି । କର୍ମରତ ଚାଷୀ ମୁଲିଆ ଅଟକି ଯାଆନ୍ତି । ଜଗତେ ସବୁରି ସମ ଅଧିକାର ଶୁଣି ପ୍ରଶ୍ନବାଚୀ ହୁଏ ଆମର ଅଧିକାର କାହିଁ ? ଅନୀତି ଶାସନ ଅନୀତି ବିଦାନ ଭାଂଗି ଦେବାକୁ ଅଂଗୀକାର ହୁଅନ୍ତି । ଏହି ଯେ ଚାରଣ କବି, ବିପ୍ଳବୀ କବି । ଜାତୀୟ କବି ଯେ ପଲ୍ଲୀ ଜୀବନକୁ ଦୋହଲାଇ ଦିଅନ୍ତି । ଅସ୍ଥିର କରିଦିଅନ୍ତି ।

୧୯୨୦ ମସିହାରୁ ୧୯୩୮ ମସିହା ଯାଏ ଜାତୀୟ ମୁକ୍ତି ସଂଗ୍ରାମର ବିଭିନ୍ନ ପର୍ଯ୍ୟାୟରେ ଘଟୁଥିବା ଧାରା ଓ ଘଟଣାବଳୀ ବାଞ୍ଛାନିଧିଙ୍କ ଅଦ୍ୟମ ଜାତି ପ୍ରେମ ଚିହ୍ନରେ ରୂପାୟିତ ହୁଏ ସଂଗୀତ ମାଧମରେ । ଏହି ଭାବନା ନିଜର ଥିଏଟର ଦଳ ସାହାଯ୍ୟରେ ଅତି କ୍ଷୀପ୍ର ଗତିରେ ପ୍ରସାରିତ ହୁଏ । ଜାତୀୟ ସଂଗ୍ରାମ ଓ ସଂଗ୍ରାମୀ ମାନଙ୍କୁ ଏସବୁ ଅଭିପ୍ରେରିତ ଓ ଅଭିମନ୍ତିତ କରେ । ତାଙ୍କ ସଂଗୀତ ଶୁଣିବା ମାତ୍ରେ ଲୋକମାନେ ବହୁ ସଂଖ୍ୟାରେ ଏକତ୍ର ହୋଇଯାଆନ୍ତି ।

ସ୍ଥାନୀୟ ନେତୃବର୍ଗ ଓ ଜନସାଧାରଣ ତାଙ୍କ ନାମରେ ବାଞ୍ଛାନିଧି ଚକଡ଼ା ନାମିତ କରି ସମାନ୍ତରାଳ ସ୍ୱାଧୀନ ସରକାର ୧୯୪୨ ମସିହା ସେପ୍ଟେମ୍ବର ୭ ତାରିଖରେ ଗଠନ କରିଥିଲେ । ଏହି ଚକଡ଼ାର କ୍ଷେତ୍ରଫଳ ଉଣେଇଶ ବର୍ଗ ମାଇଲ ଏବଂ ଏଥିରେ ଛଅଗୋଟି ପଞ୍ଚାୟତ ଓ ଛବିଶିଟି ଗ୍ରାମ ଅନ୍ତର୍ଭୁକ୍ତ । ଏପରି ସରକାରକୁ ଚଳାଇବା ପାଇଁ ପାଞ୍ଚ ଜଣ ସଭ୍ୟ ବିଶିଷ୍ଟ ଗୋଟିଏ ସର୍ବୋଚ୍ଚ କମିଟି ଗଠନ କରାଯାଇଥାଏ । ଗୌରାଙ୍ଗ ଚରଣ ମହାନ୍ତି ସ୍ୱାଧୀନତା ସଂଗ୍ରାମୀଙ୍କୁ ପ୍ରଧାନମନ୍ତ୍ରୀ ରୂପେ ମନୋନୟନ କରାଯାଇଥିବା

ବେଳେ , ସଂଗ୍ରାମୀ କମଳା ପ୍ରସାଦ ତ୍ରିପାଠୀଙ୍କୁ ନିର୍ଦ୍ଦେଶକ ଓ ସେନାଧ୍ୟକ୍ଷ ଭାବେ ନିଯୁକ୍ତି କରାଯାଇଥାଏ । ତିନିଜଣ ସଭ୍ୟ ଥାଆନ୍ତି ଶ୍ରୀ ଅନିରୁଦ୍ଧ ମହାନ୍ତି, ଶ୍ରୀ ପ୍ରଭାକର ତ୍ରିପାଠୀ ଓ ଶ୍ରୀ ଶ୍ୟାମ ସୁନ୍ଦର ପାଣିଗ୍ରାହୀ । ସତ୍ୟାଗ୍ରହ ଆଶ୍ରମ ନାମିତ ଦପ୍ତର ଜନୈକ ଅର୍ଜ୍ଜୁନ ବିଶ୍ୱାଳଙ୍କ ବାସଭବନରେ ଚାଲିଥାଏ । କଂଗ୍ରେସ ପତାକା ପ୍ରତିଦିନ ସକାଳେ ଉତ୍ତୋଳନ ଓ ସୂର୍ଯ୍ୟାସ୍ତ ପରେ ଅବତରଣ କରାଯାଏ । ଯେଉଁମାନେ ସେମାନଙ୍କ ନୀତିର ଅବମାନନା କରନ୍ତି, ଗୁପ୍ତଚର କାମ କରନ୍ତି, ବ୍ରିଟିଶ ସରକାରଙ୍କୁ ସମର୍ଥନ କରନ୍ତି ଓ ମହାତ୍ମା ଗାନ୍ଧିଙ୍କ ନୀତି ଓ କାର୍ଯ୍ୟକ୍ରମକୁ ବେଖାତିର୍ କରନ୍ତି, ସେମାନଙ୍କର ବିଚାର ପାଇଁ ନ୍ୟାୟଳୟ ଥାଏ । ଜେଲଖାନା, ନ୍ୟାୟଳୟ , ବିଚାରପତି ଓ ପୁନର୍ବିଚାର ନ୍ୟାୟଳୟ ସ୍ଥିର କରାଯାଇଥାଏ । ମୃତ୍ୟୁ ଓ ଶାନ୍ତି ସୈନ୍ୟ ଦଳ ଗଠନ କରାଯାଇଥାଏ । ଏହା ଏପରି ସଂଗଠିତ ଯେ ଏକ ବିରଳ ନବ ପ୍ରବର୍ତ୍ତନ । ଇରମ ଗୁଳିକାଣ୍ଡ ବିଷୟରେ ବିଭାଗୀୟ ରାଜସ୍ୱ କମିଶନର ଓ ପୁଲିସ ଇନିସ୍‌ପେକ୍ଟରଙ୍କ ଦ୍ୱାରା ମିଳିତ ଅନୁସନ୍ଧାନରେ ସମାନ୍ତରାଳ ସଂଗଠନ ସ୍ଥାନିତ ହୋଇଥିଲା ।

ସେତେବେଳେ ବି.ଏ. ପାଶ୍ ଶିକ୍ଷା ଓ ଯୋଗ୍ୟତା ଏକାନ୍ତ ଉଲ୍ଲେଖନୀୟ ଥିଲା । ଇଛା କରିଥିଲେ ବାଞ୍ଛାନିଧି ଉଚ୍ଚ ପଦସ୍ଥ ହୋଇ କାର୍ଯ୍ୟ କରିପାରିଥାନ୍ତେ । ମୋଟା ଦରମା ମଧ୍ୟ ପାଇ ପାରିଥାନ୍ତେ । କିନ୍ତୁ ସେ ସ୍ୱାଧୀନଚେତା, ଦେଶ ମାତୃକାର ଡ଼ାକ ତାଙ୍କ ସଂଗୀତ ପ୍ରାଣକୁ ଉଦ୍‌ବେଳିତ କରୁଥାଏ । ପରାଧୀନ ଚାକିରୀ ଜୀବନକୁ ତୁଚ୍ଛ କରି ଜୀବନର ସାର୍ଥକତା ପାଇଁ ସେ ସଂଗୀତ ମାଧ୍ୟମରେ ଦେଶ ସେବାର ବ୍ରତ ଗ୍ରହଣ କଲେ । ଏତେବେଳେ ଓକିଲାତି କରିବା ପାଇଁ ତାଙ୍କୁ ପରାମର୍ଶ ଦିଆଗଲା । ଏଥିପ୍ରତି ପ୍ରତିକ୍ରିୟା ପ୍ରକାଶ କରି କହିଥିଲେ - ମୋ ଜିଲ୍ଲାର ମୋ ଦେଶର କୋଟି କୋଟି ବାପ, ମାଆ ଗଣ୍ଡିଏ ସୁସ୍ଥରେ ଖାଇବାକୁ, ଖଣ୍ଡିଏ ଭଲ ଲୁଗା ପିନ୍ଧିବାକୁ ପାଉନଥିବା ସ୍ଥଳେ ମୁଁ କିପରି ମୋର ବ୍ୟକ୍ତିଗତ ସ୍ୱାର୍ଥ ପାଇଁ କେବଳ ମୋର ବାପ ମାଆଙ୍କୁ ସୁଖୀ କରିବାକୁ ରୋଜଗାର କରିବି ? ଏହାହିଁ ବିପ୍ଳବୀ ଚାରଣ କବିଙ୍କ ଜୀବନ ଆଧାର ସଦ୍‌ଗୁଣ, ଯାହା ତାଙ୍କୁ ତ୍ୟାଗପୂତ ନିଃସ୍ୱାର୍ଥ ସମର୍ପିତ ବୀର ପୁରୁଷ କରିପାରିଛି । ଏହି ମହାନ୍ ତ୍ୟାଗୀ, ଉତ୍ସର୍ଗୀକୃତ ଦେଶପ୍ରେମୀ ଓ ଜାତୀୟ କବି ବାଞ୍ଛାନିଧି ମୁକ୍ତି ଆନ୍ଦୋଳନର ବିପ୍ଳବକୁ ନିଜ ରଚନା ମାଧ୍ୟମରେ ଜନସାଧାରଣଙ୍କ ପାଖରେ ପହଞ୍ଚାଇ ଦେଇଛନ୍ତି । ସେ ଚାରଣ କବି ହୋଇଛନ୍ତି । ରଚନା ଯେପରି ମର୍ମସ୍ପର୍ଶୀ ପରିବେଷଣ ଶୈଳୀ ସେପରି ହୃଦୟ ସ୍ପନ୍ଦନକାରୀ ।

ପୂର୍ବତନ ଅଧ୍ୟକ୍ଷ
ଶହୀଦନଗର, ଭୁବନେଶ୍ୱର